# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**24 March - 2024**

**News Editor : Tapan Kumar Moharana**

***********************************

## ମୁଖ୍ୟ ସମ୍ବାଦ

- ଆଗାମୀ ନିର୍ବାଚନରେ ସୁଚାରୁରୂପେ ମତଦାନ ପାଇଁ ନିର୍ବାଚନ ଆୟୋଗଙ୍କ ଗୁରୁତ୍ୱ; ବୟସ୍କ ଓ ଦିବ୍ୟାଙ୍ଗଙ୍କ ପାଇଁ ବିଶେଷ ସୁବିଧାର ବ୍ୟବସ୍ଥା

- ଅନିର୍ଦ୍ଦିଷ୍ଟ କାଳ ପାଇଁ ପିଆଜ ରପ୍ତାନୀ ଉପରେ କେନ୍ଦ୍ର ସରକାରଙ୍କ କଟକଣା

- ବିଶ୍ୱ ଯକ୍ଷ୍ମା ଦିବସରେ ଯକ୍ଷ୍ମାମୁକ୍ତ ଭବିଷ୍ୟତ ଲାଗି ବିଭିନ୍ନ ସ୍ତରରେ ସଚେତନତା କାର୍ଯ୍ୟକ୍ରମ

ଏବଂ

- ରାଜ୍ୟରେ ବୃଦ୍ଧି ପାଉଛି ତାପମାତ୍ରା; ଆଗାମୀ ୪ ଦିନ ମଧ୍ୟରେ ୩ରୁ ୫ ଡିଗ୍ରୀ ତାପମାତ୍ରା ବଢ଼ିବା ନେଇ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା

# ଇସି-ସ୍ପେଶାଲ ଭିସି

ମତଦାତାମାନେ କିଭଳି ସୁଚାରୁରୂପେ ମତଦାନ କରିବେ ସେଥିପାଇଁ ନିର୍ବାଚନ ଆୟୋଗ ସବୁବେଳେ ଗୁରୁତ୍ୱ ପ୍ରଦାନ କରିଛନ୍ତି । କୌଣସି ମତଦାତା ଯେପରି ଭୋଟ୍‌ଦାନରୁ ବଞ୍ଚିତ ନହେବେ ସେଥିପ୍ରତି ଆୟୋଗ ଲକ୍ଷ୍ୟ ରଖିଛନ୍ତି ।

୮୫ ବର୍ଷରୁ ଅଧିକ ବୟସ୍କ ଓ ୪୦ ପ୍ରତିଶତ ଦିବ୍ୟାଙ୍ଗ ଘରେ ବସି ଭୋଟ ଦେଇପାରିବେ ନିର୍ବାଚନ ଆୟୋଗ ସେଥିପ୍ରତି ପଦକ୍ଷେପ ନେଇଛନ୍ତି। ପ୍ରତ୍ୟେକ ମତଦାନ କେନ୍ଦ୍ରରେ ସ୍ୱେଚ୍ଛାସେବୀ ଓ ହ୍ୱିଲ୍ ଚେୟାର ଉପଲବ୍ଧ କରାଯିବ। ଦିବ୍ୟାଙ୍ଗ ଓ ବୟସ୍କଙ୍କ ପାଇଁ ଆୟୋଗଙ୍କ ପକ୍ଷରୁ ପରିବହନ ବ୍ୟବସ୍ଥା ମଧ୍ୟ କରାଯିବ । ଭିନ୍ନକ୍ଷମଙ୍କୁ ସହଜରେ ମତଦାନ କରିବା ଏବଂ ମତଦାନ କେନ୍ଦ୍ରରେ ସୁବିଧା ପାଇବା ପାଇଁ ଆୟୋଗ ସକ୍ଷମ ଆପ୍ ଲଞ୍ଚ କରିଛନ୍ତି। ଛାତ୍ରଛାତ୍ରୀଙ୍କୁ ନିର୍ବାଚନ ପ୍ରକ୍ରିୟାର ଉପହାର ସ୍ୱରୂପ ବିଦ୍ୟାଳୟରେ ସ୍ଥାୟୀ ନିଶ୍ଚିତ ସର୍ବନିମ୍ନ ସୁବିଧା ଏ.ଏମ.ଏଫ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ନିଶ୍ଚିତ ସର୍ବନିମ୍ନ ସୁବିଧା ଗୁଡ଼ିକ ମଧ୍ୟରେ ପାନୀୟ ଜଳ, ଶୌଚାଳୟ, ହ୍ୱିଲଚେୟାର, ହେଲ୍ପଡେସ୍କ, ଭୋଟର ସୁବିଧା କେନ୍ଦ୍ର, ପର୍ଯ୍ୟାପ୍ତ ଆଲୋକ ଏବଂ ସେଡ୍ ଅନ୍ତର୍ଭୁକ୍ତ କରାଯାଇଛି । ଭିନ୍ନକ୍ଷମଙ୍କ ଦ୍ୱାରା ପରିଚାଳିତ ମତଦାନ କେନ୍ଦ୍ର, ବିଶେଷ କରି ମହିଳାଙ୍କ ଦ୍ୱାରା ପରିଚାଳିତ ମତଦାନ କେନ୍ଦ୍ର ଏବଂ ଆଦର୍ଶ ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି ।

## ପିଆଜ

କେନ୍ଦ୍ର ସରକାର ପିଆଜ ରପ୍ତାନୀ ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କଟକଣା ଲଗାଇଛନ୍ତି। ଘରୋଇ ଉପଲବ୍ଧତା ବଢ଼ାଇବା ଓ ଏହାର ମୂଲ୍ୟ ନିୟନ୍ତ୍ରଣ ରଖିବା ପାଇଁ କେନ୍ଦ୍ର ସରକାର ନିଷେଧାଦେଶ ସମୟ ବୃଦ୍ଧି କରିଛନ୍ତି। ପୂର୍ବରୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ପିଆଜ ରପ୍ତାନୀ ଉପରେ ନିଷେଧାଦେଶ ଜାରି କରାଯାଇଥିଲା।

## ହୀରାକୁଦରେ ଡାଇରିଆ

ସମ୍ବଲପୁର ଜିଲ୍ଲାର ହୀରାକୁଦରେ ଝାଡାବାନ୍ତିରେ ଶତାଧିକ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଗୁରୁତର ରୋଗୀମାନଙ୍କୁ ବୁର୍ଲା ଭୀମ୍‌ସାରକୁ ସ୍ଥାନାନ୍ତରିତ କରାଯାଇଛି। ଦୂଷିତ ପାନୀୟ ଜଳ ଯୋଗାଣ କାରଣରୁ ଝାଡାବାନ୍ତି ରୋଗ ବ୍ୟାପିଥିବା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆଶଙ୍କା କରିଥିବାବେଳେ ବିଭିନ୍ନ ସ୍ଥାନରୁ ପାନୀୟ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି। ଅଧିକ ଅନୁଧ୍ୟାନ ପାଇଁ ଭୁବନେଶ୍ୱରରୁ ୨ଜଣିଆ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ହୀରାକୁଦ ଯିବା ସହ ସେଠାରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଅନୁଧ୍ୟାନ କରିବାର ସୂଚନା ମିଳିଛି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହୀରାକୁଦ ଅଞ୍ଚଳରେ ଡାଇରିଆ ସଂକ୍ରମଣ ନେଇ ଚିନ୍ତାପ୍ରକଟ କରିବା ସହ ସମ୍ବଲପୁର ସିଡିଏମ୍‌ଓ ଡାକ୍ତର ସୁଜାତା ରାଣୀ

ମିଶ୍ରଙ୍କ ସହ ଆଲୋଚନା କରିଛନ୍ତି। ଏଥିସହିତ ଶ୍ରୀ ପ୍ରଧାନ ଆକ୍ରାନ୍ତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଢେଙ୍କାନାଳ ନିର୍ବାଚନ ମଣ୍ଡଳୀ

ଢେଙ୍କାନାଳ ଜିଲ୍ଲାରେ ସାଧାରଣ ନିର୍ବାଚନର ଷଷ୍ଠ ପର୍ଯ୍ୟାୟରେ ଆସନ୍ତା ମେ’ ୨୫ ତାରିଖରେ ଭୋଟ୍‌ଗ୍ରହଣ ହେବ। ଏଥିପାଇଁ ଜିଲ୍ଲାରେ ମୋଟ୍ ୧ ହଜାର ୨୦ଟି ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି।

ଚଳିତ ବର୍ଷ ନିର୍ବାଚନରେ ଲୋକସଭା ପ୍ରାର୍ଥୀଙ୍କ ପାଇଁ ଖର୍ଚ୍ଚ ସୀମା ୯୦ ଲକ୍ଷ ଓ ବିଧାନସଭା ପ୍ରାର୍ଥୀଙ୍କ ପାଇଁ ୪୦ ଲକ୍ଷ ଟଙ୍କା ରହିଛି। ବୁଥ୍‌କୁ ଆସି ପାରୁ ନଥିବା ବୟସ୍କ ଭୋଟର ଘରୁ ଭୋଟ ଦେଇପାରିବେ। ନିର୍ବାଚନ ସମ୍ପର୍କରେ ସାଧାରଣ ଲୋକଙ୍କ ଅଭିଯୋଗ ଆସିଲେ ୧୦୦ ମିନିଟ୍ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଜିଲ୍ଲାରେ ମଧ୍ୟ ଭିଡିଓ ସର୍ଭେଲାନ୍ସ ଟିମ୍ ଏବଂ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ମୁତୟନ କରାଯିବ। ନିର୍ବାଚନର ସୁପରିଚାଳନା ପାଇଁ ପୋଲିଂ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

ଆସନ୍ତୁ ଶୁଣିବା ଆମ ପ୍ରତିନିଧି ବିରଞ୍ଚି ନାରାୟଣ ସେଠ୍ କ’ଣ କହୁଛନ୍ତି....

**- V/O –**

# ବିଶ୍ୱ ଯକ୍ଷ୍ମା ଦିବସ

ଆଜି ବିଶ୍ୱ ଯକ୍ଷ୍ମା ଦିବସ । ଏହି ଅବସରରେ ବିଭିନ୍ନ ସ୍ଥାନରେ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଦେଶକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ ଦେଇଛନ୍ତି। ବିଶ୍ୱରେ ଯକ୍ଷ୍ମାରୋଗର ପ୍ରଭାବ ବିଷୟରେ ଲୋକଙ୍କୁ ସଚେତନ କରାଇବା, ଏହି ରୋଗକୁ ନିୟନ୍ତ୍ରଣ କରିବାରେ ଆହ୍ୱାନ ସୃଷ୍ଟି କରିବା ଏବଂ ଏହାର ମୁକାବିଲା ପାଇଁ ପ୍ରୟାସକୁ ଉତ୍ସାହିତ କରିବା ଏହି ଦିବସ ପାଳନର ଲକ୍ଷ୍ୟ ବୋଲି ରାଷ୍ଟ୍ରପତି କହିଛନ୍ତି।

ଯକ୍ଷ୍ମା ମୂଳୋତ୍ପାଟନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶୀଘ୍ର ଚିହ୍ନଟ ଏବଂ ଚିକିତ୍ସା ମାଧ୍ୟମରେ ଯକ୍ଷ୍ମାକୁ ରୋକାଯାଇପାରିବ। ଏହି ରୋଗକୁ ସଂପୂର୍ଣ୍ଣ ରୂପେ ଦୂର କରିବା ଏବଂ ସମସ୍ତଙ୍କ ପାଇଁ ଏକ ସୁସ୍ଥ ଏବଂ ଯକ୍ଷ୍ମା ମୁକ୍ତ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ଏହିକ୍ରମରେ ଓଡ଼ିଶାକୁ ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଚଳିତବର୍ଷ ବିଶ୍ୱ ଯକ୍ଷ୍ମା ଦିବସର ବିଷୟବସ୍ତୁ ରହିଛି 'ହଁ ଆମେ ଯକ୍ଷ୍ମାର ଅନ୍ତ ନିଶ୍ଚିତ କରିପାରିବା'।

ରାଜ୍ୟରେ ବର୍ତ୍ତମାନ ପ୍ରତି ଏକ ଲକ୍ଷ ଲୋକଙ୍କ ମଧ୍ୟରେ ୨ହଜାର ୫୪୮ ପରୀକ୍ଷା କରାଯାଉଛି। ପ୍ରାୟ ସମସ୍ତ ହସ୍ପିଟାଲରେ ଟ୍ରୁନାଟ୍ ମେସିନ୍‌ରେ ଯକ୍ଷ୍ମା ପରୀକ୍ଷା କରାଯାଇ ସଂକ୍ରମିତଙ୍କୁ ମାଗଣା ଔଷଧ ଦିଆଯାଉଛି। ଦୁଇ ସପ୍ତାହରୁ ଅଧିକ ସମୟ ଧରି କାଶ ହେଲେ ତୁରନ୍ତ ପରୀକ୍ଷା କରାଇନେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବିଭିନ୍ନ ଘରୋଇ ସଂସ୍ଥା ସହଯୋଗରେ ଚିହ୍ନଟ ଚିକିତ୍ସା ପ୍ରତିଷେଧକ ସହିତ ସଚେତନତାକୁ ସର୍ବାଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି।

## ସ୍ପଟ୍ ନାମଲେଖା

ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୪-୨୫ ଶିକ୍ଷାବର୍ଷ ଲାଗି ବିଭିନ୍ନ ଅତ୍ୟାଧୁନିକ ବିଷୟରେ ସ୍ପଟ୍ ନାମଲେଖା ହେବ । ଆସନ୍ତା ୨୭ ତାରିଖ ବୁଧବାରଠାରୁ ଏପ୍ରିଲ ୬ ତାରିଖ ଯାଏଁ ଏହା ଚାଲିବ । ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ସ୍କୁଲ ଅଫ୍ ସର୍ଭିସେସ୍ ପାଠ୍ୟକ୍ରମ ଅଧୀନରେ ଥିବା ୭ଟି ବିଷୟରେ ଏହି ନାମଲେଖା ସକାଳ ୯ଟାରୁ ସଂଧ୍ୟା ୫ଟା ଯାଏଁ ଚାଲିବ । ଓଡ଼ିଶାର ଯୋଗ୍ୟ ତଥା ଆଗ୍ରହୀ ପ୍ରାର୍ଥୀମାନେ ନାମଲେଖା ପାଇଁ ଆବଶ୍ୟକ ପ୍ରମାଣପତ୍ର ସାଥୀରେ ଆଣିବାକୁ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

## ମେଣ୍ଢାପୋଡି

ପୁରୀ ଶ୍ରୀମନ୍ଦିରରେ ଆଜି ସଂଧ୍ୟାରେ ମହାପ୍ରଭୁଙ୍କ ମେଣ୍ଢାପୋଡି ନୀତି ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ମଧ୍ୟାହ୍ନଧୂପ ସରିବା ପରେ ଆଜ୍ଞାମାଳ ପାଇ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ଦୋଳବେଦୀକୁ ବିଜେ କରିବେ। ସେଠାରେ ଗଜପତିଙ୍କ ପ୍ରତିନିଧି ମୁଦିରସ୍ତଙ୍କ ଉପସ୍ଥିତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ହୋମ, ଦେବନୀତି, ବନ୍ଦାପନା ପରେ ଭୋଗ ହେବ। ବିଶେଷକରି ମାରୱାଡି ସଂପ୍ରଦାୟର ମହିଳାଙ୍କ ଦ୍ୱାରା ପୂର୍ବରୁ ସଂଗୃହିତ ଘଷିରେ ଅଗ୍ନି ସଂଯୋଗ କରଯିବ। ହୋଲିକା ରାକ୍ଷାସୀଙ୍କୁ ଦହନର ପ୍ରତିଫଳନ ସ୍ୱରୁପ ଦୋଳପୂର୍ଣ୍ଣିମା ପୂର୍ବଦିନ ଏହି ମେଣ୍ଢାପୋଡି ନୀତି ଅନୁଷ୍ଠିତ ହୋଇଥାଏ।

## ସଡକ ସୁରକ୍ଷା

ସଡକ ସୁରକ୍ଷା ସଚେତନତା ବୃଦ୍ଧି କ୍ଷେତ୍ରରେ ଭଦ୍ରକ ଜିଲ୍ଲା  ତୃତୀୟ ସ୍ଥାନରେ ରହିଛି। ସିଆଇଡି ଏବଂ କ୍ରାଇମ୍‌ବ୍ରାଞ୍ଚ ଓଡ଼ିଶା ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ୨୦୨୩ ବର୍ଷ ପାଇଁ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ କ୍ଷେତ୍ରରେ ସଫଳ ପ୍ରଦର୍ଶନ କରି ଭଦ୍ରକ ଜିଲ୍ଲା ଏହି ସ୍ଥାନ ହାସଲ କରିଛି। ଏଥିପାଇଁ ଭ୍ରଦକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଖୁସି ପ୍ରକାଶ କରିବା ସହ ସମୁଦାୟ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ଆଗକୁ ଏହି ସଫଳ ପ୍ରୟାସ ଜାରି ରଖିବା ପାଇଁ ପରାମର୍ଶ ଦେଇଛନ୍ତି।

## ଗ୍ରୀଷ୍ମଋତୁ-ନିଆ ଆଶଙ୍କା

ଗ୍ରୀଷ୍ମଋତୁରେ ତାପମାତ୍ରା ବୃଦ୍ଧି ପାଉଥିବାରୁ ଡାକ୍ତରଖାନାଗୁଡ଼ିକରେ ନିଆଁ ଲାଗିବା ଆଶଙ୍କା ଅଧିକ ରହିଥାଏ। ଏହାକୁ ରୋକିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସ୍ୱାସ୍ଥ୍ୟ ସଚିବ ଅପୂର୍ବ ଚନ୍ଦ୍ର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ଏଥିରେ ସେମାନଙ୍କ ଅଧିନରେ ଥିବା ସମସ୍ତ ସ୍ୱୀକୃତିପ୍ରାପ୍ତ ଡାକ୍ତରଖାନାରେ ଅଗ୍ନିକାଣ୍ଡ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସୁନିଶ୍ଚିତ କରିବା ଲାଗି ସ୍ୱାସ୍ଥ୍ୟ ସଚିବ ଉଲ୍ଲେଖ କରିଛନ୍ତି। ଏଥିସହିତ ବିଦ୍ୟୁତ୍ ଲୋଡ କ୍ଷମତାର ଅସଂଗତି ଦୂର କରିବା ଏବଂ ରାଜ୍ୟ ଅଗ୍ନିଶମ ବିଭାଗଠାରୁ ବୈଧ ଅଗ୍ନିଶମ ଆପତ୍ତିବିହୀନ ପ୍ରମାଣପତ୍ର ହାସଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଏଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହଯୋଗ କରିବାକୁ ନିର୍ଦ୍ଦେଶ ଦେବାପାଇଁ  ମଧ୍ୟ ଚିଠିରେ ଉଲ୍ଲେଖ ରହିଛି। ଅଗ୍ନି ନିର୍ବାପକ ଯନ୍ତ୍ର, ହାଇଡ୍ରାଣ୍ଟ୍ ଏବଂ ଅଗ୍ନି ଆଲର୍ମ ଭଳି ଉପକରଣର କାର୍ଯ୍ୟକାରିତା ନିୟମିତ ଯାଞ୍ଚ କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

# ତାପମାତ୍ରା

ରାଜ୍ୟରେ ଗ୍ରୀଷ୍ମ ଉତ୍ତାପ କ୍ରମଶଃ ବଢ଼ିବାରେ ଲାଗିଛି । ଗତକାଲି ବଲାଙ୍ଗିରରେ ସର୍ବାଧିକ ତାପମାତ୍ରା ୩୮ ଡିଗ୍ରୀ ସେଲ୍ସିୟସ ରେକର୍ଡ

କରାଯାଇଥିବାବେଳେ ୫ଟି ସହରର ତାପମାତ୍ରା ୩୭ ଡିଗ୍ରୀ ଉପରେ ରହିଥିବା ଜଣାପଡିଛି।

ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ ଅନୁଯାୟୀ ଆଗାମୀ ୪ ଦିନ ମଧ୍ୟରେ ତାପମାତ୍ରା ୩ରୁ ୫ ଡିଗ୍ରୀ ବଢ଼ିବା ସମ୍ଭାବନା ରହିଛି । ସେହିଭଳି ରାତି ତାପମାତ୍ରା ମଧ୍ୟ ୨ରୁ ୩ଡିଗ୍ରୀ ବଢ଼ିପାରେ । ପରବର୍ତ୍ତୀ ସମୟରେ ସର୍ବନିମ୍ନ ଓ ସର୍ବାଧିକ ତାପମାତ୍ରାରେ କୌଣସି ପରିବର୍ତ୍ତନ ସମ୍ଭାବନା ନଥିବାରୁ ଅନେକ ଅଞ୍ଚଳରେ ପାରଦ ୪୦ଡିଗ୍ରୀ ଅତିକ୍ରମ କରିବା ସମ୍ଭାବନା ରହିଛି । ଏଥିସହିତ ଆସନ୍ତାକାଲି ଏବଂ ମଙ୍ଗଳବାର ରାଜ୍ୟର ୪-୫ଟି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

*********************************